## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

**ଛେଣ୍ଡିପଦା, ୩୦।୧୦(ସ୍ୱ.ପ୍ର.):** ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜରପଡ଼ା ଥାନା ଲକ୍ଷ୍ମୀଧରପୁର ଗ୍ରାମ ନିକଟରେ ଶନିବାର ସକାଳେ ଟ୍ରକ ଏବଂ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ପିକ୍‌ଅପ୍ ଚାଳକ ତଥା ଜଗତ୍‌ସିଂହପୁର ଜିଲା ଏରୋଡା ଗ୍ରାମର ଅଜୟ୍ କୁମାର ସ୍ୱାଇଁଙ୍କ ମୃତ୍ୟୁ ଘଟିଛି। ହେଲ୍‌ପର ବାପୁନି ଦାଶ ଗୁରୁତର ହୋଇଛନ୍ତି। ସମ୍ବଲପୁର ଅଞ୍ଚଳରୁ ପରିବା ନେଇ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ଥାନୀୟ ଲୋକେ ହେଲ୍‌ପରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଜରପଡ଼ା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୮୮/୨୧ରେ ଏକ ମାମଲା ରୁଜୁ ହୋଇଥିବା ଏଏସ୍‌ଆଇ ଶକୁନ୍ତଳା ଦେହୁରୀ ସୂଚନା ଦେଇଛନ୍ତି।

### ନାଲ୍‌କୋ ଘରୋଇକରଣ ମସୁଧାକୁ ବିରୋଧ

**ବଁଅରପାଳ,୩୦।୧୦(ଡି.ଏନ.ଏ.):** ନବରତ୍ନ କମ୍ପାନୀ ନାଲ୍‌କୋକୁ କେନ୍ଦ୍ର ସରକାର ଘରୋଇକରଣ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ଏହା ହେଲେ ହଜାର ହଜାର କମ୍ପାନୀ କର୍ମଚାରୀଙ୍କ ବିପୁଳ କ୍ଷତି ହେବ। ଅଞ୍ଚଳର ଉନ୍ନତି ହେବ ନାହିଁ। ନାଲ୍‌କୋ ପାଖରେ ଏବେ ୫୧.୨୮% ଅଂଶଧନ ରହିଛି। ୫୦%ରୁ ତଳକୁ ଖସିଗଲେ ନାଲକୋ ସମ୍ପୂର୍ଣ୍ଣ ଭାବେ ଘରୋଇକରଣ ହୋଇଯିବ। ଏଭଳି ଚକ୍ରାନ୍ତଙ୍କୁ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ନେପୁ ସଧାରଣ ସମ୍ପାଦକ ବୈରାଗୀ ସେଠ, କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ଅଜୟ ଦାସ, ଜଗନ୍ନାଥ ସେଠ, ଲିଟୁ ଗଡ଼ନାୟକ ପ୍ରମୁଖ କହିଛନ୍ତି। ଘରୋଇକରଣରୁ ମାନସିକତାରୁ ସରକାର ନ ଓହରିଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ନେପୁ ସାଧାରଣ ସମ୍ପାଦକ ଚେତାବନୀ ଦେଇଛନ୍ତି।

### ଫାଇନାଲରେ ବାଗେଡ଼ିଆ

**ପାଲଲହଡ଼ା, ୩୦।୧୦(ଡି.ଏନ.ଏ.):** ପାଲଲହଡ଼ା ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡ଼ା କପ୍‌ର ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚରେ ରମ୍ଭାଦେବୀଙ୍କୁ ୧-୦ ହରାଇ ଫାଇନାଲରେ ପ୍ରବେଶ କରିଛି ବାଗେଡିଆ। ରବିବାର ଫାଇନାଲ ମ୍ୟାଚ ସମ୍ବଲପୁର ଏବଂ ବାଗେଡିଆ ମଧ୍ୟରେ ଖେଳାଯିବ। ରାଜ୍ୟସ୍ତରୀୟ ରେଫରୀ ଦିଲୀପ ରାଉତ, ପ୍ରଶାନ୍ତ ପାଲ, ଦୁର୍ଗା ଆଚାର୍ଯ୍ୟ, ପାଲଲହଡ଼ା କପ୍ ଅଧ୍ୟକ୍ଷ ସୁଧାଂଶୁ କପରଦାର, ସଭାପତି ନେତ୍ରାନନ୍ଦ ମହାକୁଳ ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ଦାଶ, ହରିହର ବେହେରା, ସବ୍ୟସାଚୀ କପରଦାରଙ୍କ ସମେତ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ମିତବ୍ୟୟିତା ଦିବସ

**ଢେଙ୍କାନାଳ ଅଫିସ, ୩୦।୧୦:** ଢେଙ୍କାନାଳ ଜିଲା ସ୍ୱଳ୍ପ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଶନିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟ ପରିସରରେ ଜିଲାପାଳ ସରୋଜ କୁମାର ସେଠୀ ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦାଙ୍କ ସମେତ ବିଭାଗୀୟ କର୍ମଚାରୀ ଓ କ୍ଷମତାପ୍ରାପ୍ତ ଏଜେଣ୍ଟମାନେ ଉପସ୍ଥିତ ଥିଲେ।

### ପ୍ରତିଶ୍ରୁତି ଫେଲ୍: ଖୋଲିଲାନି କଣ୍ଟାମାଳିଆ ବିଦ୍ୟାଳୟ

**ଗଁଦିଆ, ୩୦।୧୦:** ଶିକ୍ଷା ବିଭାଗ ପ୍ରତିଶ୍ରୁତି ରଖିଲାନି କି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲାନି। ଫଳରେ ଗଁଦିଆ ବ୍ଲକ ଖଙ୍କିରା ପଞ୍ଚାୟତ ଅନ୍ତର୍ଗତ କଣ୍ଟାମାଳିଆ ପ୍ରାଥମିକ ବିଦ୍ୟାଳୟର ତାଲା ଶନିବାର ମଧ ଖୋଲିନାହିଁ, ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଶିକ୍ଷା ବିଭାଗର ଦୂରଦୃଷ୍ଟି ଅଭାବରୁ ୫୫ ଛାତ୍ରୀଛାତ୍ର ପଢୁଥିବା ଏହି ସ୍କୁଲରେ ୧୫ଦିନ ତାଲା ପଡ଼ିଛି। ଏକମାତ୍ର ଶିକ୍ଷକ ଡେପୁଟେଶନରେ ଥିବାବେଳେ ଅନଲାଇନ୍ ପାଠପଢ଼ା ବନ୍ଦ ରହିଛି। ଏ ସଂକ୍ରାନ୍ତରେ ବିଇଓ ମିନତି ଦେହୁରୀ କୁହନ୍ତି, ଉକ୍ତ ବିଦ୍ୟାଳୟରେ ଯୋଗଦେବା ଲାଗି ପଦୋନ୍ନତି ପାଇଥିବା ୮ଜଣ ଶିକ୍ଷକଙ୍କୁ କାଉନସେଲିଂ କରାଯାଇଥିଲା। ହେଲେ ଉକ୍ତ ସ୍କୁଲରେ ଯୋଗଦେବାକୁ କେହି ଇଚ୍ଛୁକ ହେଲେନାହିଁ। ୧୫ ତାରିଖ ମଧ୍ୟରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ଅନ୍ୟପଟେ ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ କରିବେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

# ଦିନ ଗଡୁଛି, ବାଟ ଫିଟୁନି

- ଲାନ୍‌କୋ ବିରୋଧରେ ତେଜୁଛି ଅସନ୍ତୋଷ
- ସରକାରଙ୍କ ବକେୟା ୨.୮୬ କୋଟି ପାଇଁ ତାଗିଦ୍
- ୯ ତାରିଖ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ଭାବନା

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଓ କୁରୁଣ୍ଟିସ୍ଥିତ ଲାନ୍‌କୋ-ବାବନ୍ଧ ପାୱାର ପ୍ଲାଣ୍ଟ ବନ୍ଦ ହୋଇଯାଇଛି। ତେବେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବି ପୂରଣ କିମ୍ବା କ୍ଷତିପୂରଣ ପ୍ରଦାନ ନେଇ ବାରମ୍ବାର ବୈଠକ ବସୁଥିଲେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ। ଏହାକୁ ନେଇ କମ୍ପାନୀ ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି। ଆସନ୍ତା ୯ ତାରିଖରେ ଅନ୍ତିମ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଶନିବାର ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ କମ୍ପାନୀର ଲିକ୍ୟୁଡେଟର ପ୍ରତିନିଧିଙ୍କୁ ତାଗିଦ୍ କରାଯାଇଛି। ଅନ୍ୟପଟେ ଜମିଜମା ନେଇ କମ୍ପାନୀ ଉପରେ ସରକାରଙ୍କ ୨.୮୬ କୋଟି ଟଙ୍କା ବକେୟା ପଡ଼ିଥିବା ରାଜସ୍ୱ ବିଭାଗ ସମୀକ୍ଷାରୁ ଜଣାପଡ଼ିଛି। ତହସିଲ କର୍ତ୍ତୃପକ୍ଷ ଏତେଦିନ ହେଲା କାହିଁକି କମ୍ପାନୀକୁ ଅନୁକମ୍ପା ଦେଖାଇଥିଲେ ବୋଲି ଏମ୍‌ପି ମହେଶ ସାହୁ ପ୍ରଶ୍ନ ଉଠାଇଛନ୍ତି।



ବୈଠକରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ କମ୍ପାନୀ ପ୍ରତିନିଧି।

ଜିଲାପାଳ ସରୋଜ କୁମାର ସେଠୀ ତୁରନ୍ତ ଉକ୍ତ ବକେୟା ଅର୍ଥ ପ୍ରଦାନ କରିବା ପାଇଁ କମ୍ପାନୀ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲାନ୍‌କୋ କମ୍ପାନୀର ଲିକ୍ୟୁଡେଟର ପ୍ରତିନିଧିମାନେ ଚୂଡ଼ାନ୍ତ ନିଷ୍ପତ୍ତି ନେଉନାହାନ୍ତି। ଅଯଥାରେ ସମୟ ଗଡ଼ାଇ ଚାଲିଛନ୍ତି। ଏହାକୁ ନେଇ ଏମ୍‌ପି ସାହୁ, ବିଧାୟକ ସୁଧୀର କୁମାର ସାମଲ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜମିହରା ପ୍ରଜାଙ୍କୁ କ୍ଷତିପୂରଣ ନ ମିଳିବା ଯାଏ କମ୍ପାନୀ ପରିସରରେ ପଡ଼ିଥିବା ସ୍କ୍ରାପ୍ ନେବାକୁ ଦିଆଯିବ ନାହିଁ ବୋଲି ପ୍ରଜାସଂଘ ନିଜ ଜିଦ୍‌ରେ ଅଟଳ ରହିଛି। ଶନିବାର ବୈଠକରେ ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଅନ୍ୟପଟେ କ୍ଷତିଗ୍ରସ୍ତ ପ୍ରଜାସଂଘର ୬ଜଣିଆ ପ୍ରତିନିଧି ଦଳ ଏବଂ କମ୍ପାନୀ ଲିକ୍ୟୁଡେଟର ପ୍ରତିନିଧି ଏକ ବୈଠକ କରି କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ଆଲୋଚନା କରିବାକୁ ଏମ୍‌ପି ଏବଂ ବିଧାୟକ ପ୍ରସ୍ତାବ ଦେଇଛନ୍ତି। ତଦନୁଯାୟୀ ଲିକ୍ୟୁଡେଟରଙ୍କୁ ନଭେମ୍ବର ୮ ଯାଏ ସମୟ ଦିଆଯାଇଛି। ୯ ତାରିଖରେ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ତ୍ରିପାକ୍ଷିକ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ଜଣାଇବାକୁ କମ୍ପାନୀ ନିକଟରେ ଦାବି କରିଥିଲେ।

ବୈଠକରେ ଏସ୍‌ପି କେ. ଶିବା ସୁବ୍ରମଣି, ଭାରପ୍ରାପ୍ତ ଢେଙ୍କାନାଳ ଉପଜିଲାପାଳ ରବିନାରାୟଣ ତ୍ରିପାଠୀ, ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଜମି ଅଧିଗ୍ରହଣ ଅଧିକାରୀ ସ୍ମୃତିରଞ୍ଜନ ମହାପାତ୍ର, ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, କ୍ଷତିଗ୍ରସ୍ତ ପ୍ରଜାସଂଘ ଉପସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ବିଜୟ ଧଳ, କୋଷାଧ୍ୟକ୍ଷ ଅଖିଳ ମହାପାତ୍ର, ଆଇନ ପରାମର୍ଶଦାତା ପଙ୍କଜଲୋଚନ ସାହୁ, ସଞ୍ଜୟ ସାହୁ, ସରପଞ୍ଚ ନରୋତ୍ତମ ରାଉତ, ରବିନାରାୟଣ ସାହୁ, ନିବାରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ତଥ୍ୟ ଦେଇପାରିଲେନି କମ୍ପାନୀ ଲିକ୍ୟୁଡେଟର

ଲାନ୍‌କୋ ପକ୍ଷରୁ ଚାକିରି ହରାଇଥିବା ୮୦ଜଣଙ୍କୁ କ୍ଷତିପୂରଣ ଦିଆଯାଇଛି ବୋଲି କମ୍ପାନୀର ଲିକ୍ୟୁଡେଟର ସଞ୍ଜୟ ଗୁପ୍ତା ବୈଠକରେ ସୂଚନା ଦେଇଥିଲେ। ହେଲେ ବିଧାୟକ ସୁଧୀର କୁମାର ସାମଲ ତାଲିକା ମାଗିବାରୁ ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଏହାକୁ ନେଇ ଲିକ୍ୟୁଡେଟରଙ୍କ ଉପରେ ବର୍ଷିଥିଲେ ବିଧାୟକ। ସେହିପରି କମ୍ପାନୀ ପ୍ରତିନିଧି ସ୍କ୍ରାପ୍ ପରିବହନ ପାଇଁ ଅନୁମତି ଦେବା ଲାଗି ପ୍ରଶାସନକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ କ୍ଷତିପୂରଣ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ଯାଏ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ପ୍ରଜାସଂଘ ଜିଦ୍‌ରେ ଅଟଳ ରହିଥିଲା।

## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

**ହିନ୍ଦୋଳ, ୩୦।୧୦(ଡି.ଏନ.ଏ.)**



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଫାଇନାଲ୍ ବିଲ୍ କରାଇଦେବା ପାଇଁ ୧୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିର କାର୍ଯ୍ୟରତ ଯନ୍ତ୍ରୀ ରଶ୍ମିରଞ୍ଜନ ବେହେରା। ତାଙ୍କୁ ଗିରଫ କରାଯିବା ପରେ ଅନୁଗୋଳ ନିଆଯାଇଛି। ଏନ୍‌ଏସି ଅଧୀନ ୬ନଂ. ୱାର୍ଡ ସରଧାପୁରର ଶାନ୍ତିଲତା ବେହେରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲା। ତେବେ ବିଲ୍ କରାଇଦେବା ପାଇଁ ଯନ୍ତ୍ରୀ ବେହେରା ୩୦୦୦ ଟଙ୍କା ଦାବି କରିଥିଲେ। ଶାନ୍ତିଲତାଙ୍କ ପୁଅ ମାନସଙ୍କଠାରୁ ଅଭିଯୁକ୍ତ ଯନ୍ତ୍ରୀ ୧୫୦୦ ଟଙ୍କା ନେଇଥିବା ବେଳେ ଫାଇନାଲ ବିଲ୍ ପାଇଁ ଅଧିକ ୧୫୦୦ ଟଙ୍କା ମାଗିଥିଲେ। ଏ ନେଇ ମାନସ ଅନୁଗୋଳ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶନିବାର କାର୍ଯ୍ୟାଳୟରେ ମାନସଙ୍କଠାରୁ ୧୫୦୦ ଟଙ୍କା ନେଉଥିବାବେଳେ ପୂର୍ବଯୋଜନା ଅନୁଯାୟୀ ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀଙ୍କୁ ଧରିଥିଲେ। କଟକ ଭିଜିଲାନ୍ସ ଏସ୍‌ପି ଅକ୍ଷୟ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଡିଏସ୍‌ପି ଏଚ.କେ. ମହାନ୍ତି, ଅନୁଗୋଳ ଇନ୍ସପେକ୍ଟର ପି.କେ.ସାମଲ, କେନ୍ଦ୍ରାପଡ଼ା ଇନ୍ସପେକ୍ଟର ଏସ୍.କେ. କଅଁର, ଅନୁଗୋଳ ଭିଜିଲାନ୍ସ ଟିମ୍‌ର ଏସ୍‌ଆଇ ସିଦ୍ଧାର୍ଥ କୁମାର ରାଉତ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ସଞ୍ଚୟରୁ ମିଳେ ଆର୍ଥିକ ନିରାପତ୍ତା

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଉପଲକ୍ଷେ ଶନିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟକ୍ତିଗତ ସଞ୍ଚୟ ପରିବାରକୁ ଆର୍ଥିକ ନିରାପତ୍ତା ଦେଇଥାଏ। ଜନସାଧାରଣଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରାଇବାକୁ ଡାକ ବିଭାଗ ପକ୍ଷରୁ ଲକ୍ଷ୍ୟ କରାଯାଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ୪୮୩ ଡାକଘର ପକ୍ଷରୁ ସଞ୍ଚୟ ଖାତା, ରିକରିଂ ଡିପୋଜିଟ୍, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ, ସିନିୟର ସିଟିଜେନ୍ ସେଭିଂ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, କିଷାନ ବିକାଶ ପତ୍ର, ଜାତୀୟ ସଞ୍ଚୟ ଯୋଜନା, ମାସିକ ଆୟ ଯୋଜନା ଆଦି ସେବା ବିଷୟରେ ସଚେତନ କରାଯାଉଛି। ଏହାର ସୁଯୋଗ ନେବାକୁ ଡାକମଣ୍ଡଳ ଅଧୀକ୍ଷକ ଜଗଦୀଶ ଦାଶ ନିବେଦନ କରିଛନ୍ତି।


ଡାକମଣ୍ଡଳ ପକ୍ଷରୁ ଆୟୋଜିତ ଜନସଚେତନତା କାର୍ଯ୍ୟକ୍ରମ।

## ପ୍ରତିମୂର୍ତ୍ତି, ଶହୀଦ ସ୍ତମ୍ଭ ସଫେଇ

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର (ଡି.ଏନ୍.ଏ.), ୩୦।୧୦**

ଢେଙ୍କାନାଳ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ବିଇଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବସ୍‌ଷ୍ଟାଣ୍ଡ ରାସ୍ତାର ଉଭୟ ପାର୍ଶ୍ୱ, ଶହୀଦ ସ୍ତମ୍ଭ, ଗାନ୍ଧୀ, ମଧୁବାବୁଙ୍କ ପ୍ରତିମୂର୍ତ୍ତି ପରିସର, ହନୁମାନ ବାଟିକା, ସିଭିଲ କୋର୍ଟ ଛକରେ ସଫେଇ କରାଯାଇଥିଲା। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦିକା ସୌଦାମିନୀ ଦାସ, ଅଧିକାରୀ ଗଗନ ବିହାରୀ ନାୟକ, ପୁଷ୍ପାଞ୍ଜଳି ଦଳେଇ, ବିଜୟ ନନ୍ଦ, ସବିତା ସାହୁ, ନରେଶ ମହାରଣା, ସ୍ୱର୍ଣ୍ଣାଞ୍ଜଳି ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ସଦର ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍କାଉଟ୍ସ, ଗାଇଡ୍ସ କ୍ୟାପ୍‌ଟେନ ଏବଂ ମାଷ୍ଟର ସାମିଲ ହୋଇଥିଲେ। ସେହିପରି କାମାକ୍ଷାନଗର ଗୋପବନ୍ଧୁ ପାର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକସ୍ତରୀୟ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ବିଇଓ ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ୩୧ ସ୍କୁଲର ସ୍କାଉଟ୍ସ ଏବଂ ଗାଇଡ୍ସର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସ୍କାଉଟ୍ସ ମାଷ୍ଟର ପ୍ରତାପ ସାମନ୍ତ, ବାନାର୍ଜୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଉପସ୍ଥିତ ରହି ମାର୍ଗଦର୍ଶନ କରାଇଥିଲେ।



କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ଶୁଭାରମ୍ଭ କରୁଛନ୍ତି।

## ପଞ୍ଚାୟତ ଗୃହ ଉଦ୍‌ଘାଟିତ



**କାମାକ୍ଷାନଗର, ୩୦।୧୦(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୁସୁମଯୋଡ଼ି ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଏବଂ କଲ୍ୟାଣ ମଣ୍ଡପ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ବିକାଶ ମହାନ୍ତି, ସରପଞ୍ଚ ଅନିତା ନାୟକ, ସମିତିସଭ୍ୟା ସଂଘମିତ୍ରା ସାହୁ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମହାମାରୀ ସମୟରେ ରାଜ୍ୟ ସରକାର ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ସଂକ୍ରମଣ ଏଡ଼ାଇବାକୁ ଗାଇଡ୍‌ଲାଇନ୍ ପାଳନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ରାଧାମୋହନ ନାୟକ, ବିନୟ ସାହୁ, ଭ୍ରମରବର ସାସ୍ମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବହୁ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

## ୩୬ କିଶୋରୀଙ୍କୁ ନେତୃତ୍ୱ ବିକାଶ ତାଲିମ

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରିୟ'ର ତାଲିମ କେନ୍ଦ୍ର ପରିସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଚାଲିଥିବା ଯୁବ ନେତୃତ୍ୱ ବିକାଶ ଅଭିଯାନ ଶନିବାର ଶେଷ ହୋଇଛି। ୨୬ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଲାଉଲଇ, ବେଗା, ଖଣ୍ଡବନ୍ଧ, ରତନପୁର, ଲେଥକା, ଖଙ୍କିରା ପଞ୍ଚାୟତର ୩୬ଜଣ କିଶୋରୀ ବାଳିକା ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଫିନାଇଲ୍, ଡିଟରଜେଣ୍ଟ ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯିବା ସହିତ ୫ଟି ଯୁବ କ୍ଲବ ଗଠନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ନେହେରୁ ଯୁବକେନ୍ଦ୍ର ଅଧିକାରୀ ଅଶୋକ ଦାସ, ସିପିଡିଓ ଉର୍ମିଳା ଦେହୁରୀ, ସରପଞ୍ଚ ସୁଧାଂଶୁବାଳା ସାହୁ, 'ଶୋଭା' ନିର୍ଦ୍ଦେଶକ ଉଦୟନ୍ଦୁ ମିଶ୍ର, 'ପ୍ରିୟ' ନିର୍ଦ୍ଦେଶକ ଟଙ୍କଧର ବାରିକ, ଶୁଭଶ୍ରୀ ପାଇଟଲ, ଇଲନପ୍ରଭା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ବିକାଶ ହେଲେ ସମାଜର ବିକାଶ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।


ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହିତ ପ୍ରଶିକ୍ଷାର୍ଥୀମାନେ।

## 'ଘଣ୍ଟପଡ଼ାକୁ ଅଣଦେଖା କରାଯାଉଛି'

**ତାଳଚେର, ୩୦।୧୦(ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତକୁ ଏମ୍‌ସିଏଲ୍ ଅଣଦେଖା କରୁଥିବା ସମିତିସଭ୍ୟା ସରୋଜିନୀ ବେହେରା ଅଭିଯୋଗ କରିଛନ୍ତି। କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ତାଳଚେର ଗସ୍ତ ଅବସରରେ ଡେରାଠାରେ ବିଭିନ୍ନ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଣ୍ଟାପଡ଼ା ପଞ୍ଚାୟତର ୨୦୦ ଏକର ଜମି ଏମ୍‌ସିଏଲ୍‌କୁ ପ୍ରଦାନ କରାଯାଇଛି। ଉକ୍ତ ଜମିରେ ଖଣି କର୍ତ୍ତୃପକ୍ଷ ୫ କଲୋନୀ କରିଛନ୍ତି। ଏଥିସହିତ ୨ ସ୍କୁଲ, ମେଡିକାଲ କଲେଜ, ଜଗନ୍ନାଥ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମେତ ଗୋଟିଏ କୋଲ୍ ୱାସେରି ରହିଛି। ଏହାସତ୍ତ୍ୱେ ଏମ୍‌ସିଏଲ୍ ପରିଚାଳନାରେ ଥିବା ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ପଞ୍ଚାୟତବାସୀଙ୍କୁ ସୁବିଧା ମିଳୁନି। ଗମନାଗମନ ପ୍ରମୁଖ ସମସ୍ୟା ପାଲଟିଛି। ବର୍ଷସାରା ଲୋକେ ପ୍ରଦୂଷଣରେ ଘାଣ୍ଟି ହେଉଛନ୍ତି। ମେଡିକାଲ କଲେଜକୁ ତୁରନ୍ତ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା, ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ ହସ୍ପିଟାଲରେ ପଞ୍ଚାୟତବାସୀଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ଉଭୟ ଓଡ଼ିଆ ଏବଂ ଇଂଲିଶ ମାଧ୍ୟମ ସ୍କୁଲରେ ସ୍ଥାନୀୟ ପିଲାଙ୍କୁ ବିନାଦେୟରେ ଶିକ୍ଷା, ଘଣ୍ଟପଡ଼ା ରେଲୱେ ଫାଟକ ପାଖରେ ନିର୍ମିତ ଓଭରବ୍ରିଜ୍ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ତାଳଚେର ଜନକଲ୍ୟାଣ ସଂଘ ସଭାପତି ଭୂପେନ୍ ଅନ୍ଧ, ଅଶୋକ ସିଠ, ସଦାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିର ମିଶ୍ରଣପର୍ବ



**ରାସୋଳ, ୩୦।୧୦(ଡି.ଏନ୍.ଏ.)-** ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ବିଜେଡିର ମିଶ୍ରଣ ପର୍ବ କୁନୁଆସ୍ଥିତି ମା' ସୁକିଆ ବାଉତୀଙ୍କ ପୀଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପାର ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିରଞ୍ଚି ନାରାୟଣ ନାୟକଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ମହେଶ ସାହୁ, ଖଣିମନ୍ତ୍ରୀ ତଥା ଜିଲା ସଭାପତି ପ୍ରଫୁଲ୍ଲ କୁମାର ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣିମ ବିଜୟବର୍ଷ ସମାରୋହ ଯାତ୍ରା



ଜିଲାପାଳ ସ୍ୱର୍ଣ୍ଣିମ ବିଜୟବର୍ଷ ସମାରୋହ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୦।୧୦**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶନିବାର ପୂର୍ବାହ୍ନ ୯ଟାରେ ସ୍ୱର୍ଣ୍ଣିମ ବିଜୟବର୍ଷ ସମାରୋହ ଯାତ୍ରାକୁ ଜିଲାପାଳ ସରୋଜ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ୧୯୭୧ ପାକିସ୍ତାନ ସହିତ ହୋଇଥିବା ଯୁଦ୍ଧରେ ଭାରତର ବିଜୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ସ୍ୱର୍ଣ୍ଣିମ ବିଜୟବର୍ଷ ପାଳନ କରାଯାଉଛି। ଯୁଦ୍ଧରେ ସାମିଲ ହୋଇଥିବା ଅବସରପ୍ରାପ୍ତ ଓଡ଼ିଆ ସୈନିକଙ୍କୁ ସୋମବାର ଅପରାହ୍ନ ସାଢ଼େ ୪ଟାରେ ଭୁବନେଶ୍ୱରସ୍ଥିତ ରାଜଭବନରେ ସମ୍ବର୍ଦ୍ଧିତ କରାଯିବ। ଢେଙ୍କାନାଳ ଜିଲାର ୧୨ ଅବସରପ୍ରାପ୍ତ ସୈନିକ ଏଥିରେ ସାମିଲ ହେବେ। ସେମାନଙ୍କୁ ଏକ ସ୍ୱତନ୍ତ୍ର ବସ୍‌ରେ ଭୁବନେଶ୍ୱର ପଠାଯାଇଛି। ଯୁଦ୍ଧରେ ବୀରତ୍ୱର ପରାକାଷ୍ଠା ଦେଖାଇଥିବା ବୀର ଯବାନମାନେ ଆମର ଗୌରବ ବୋଲି ଜିଲାପାଳ କହିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶଙ୍କ ସମେତ ଜିଲା କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ୧୩ରେ ତପୋବନ ମେଳା

- କଡ଼ାକଡ଼ି ହେବ ଗାଇଡ୍‌ଲାଇନ୍
- ପଲିଥିନ ବ୍ୟବହାର ଉପରେ କଟକଣା

**ଢେଙ୍କାନାଳ ଅଫିସ, ୩୦।୧୦**

ମହିମା ଧର୍ମର ଆଦିପୀଠ ତପୋବନରେ ଆସନ୍ତା ୧୩ ତାରିଖରେ ବାର୍ଷିକ ମେଳା ଅନୁଷ୍ଠିତ ହେବ। କୋଭିଡ୍ କଟକଣା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ନେଇ ଶନିବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଲାଗି କୋଭିଡ୍ ପରୀକ୍ଷା ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ରିପୋର୍ଟ ଆଣି ନ ଥିଲେ ତତ୍କାଳ କୋଭିଡ୍ ପରୀକ୍ଷା ହେବ। ମାସ୍କ ବ୍ୟବହାର, ସାମାଜିକ ଦୂରତ୍ୱ ରକ୍ଷା ପ୍ରତି ଧ୍ୟାନ ଦିଆଯିବ। ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମେଳା ପୂର୍ବରୁ ପୀଠକୁ ଯାଇଥିବା ରାସ୍ତା ମରାମତି କରାଯିବ। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଅସ୍ଥାୟୀ ପାଇଖାନା ସହିତ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହେବ। ଭାରପ୍ରାପ୍ତ ଉପଜିଲାପାଳ ରବିନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ଡେପୁଟି କଲେକ୍ଟର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ମହିମା ସନ୍ନ୍ୟାସୀ ବାବା ରଘୁନାଥ ଦାସ, ବାବା କରୁଣାକର ଦାସ, ସୁଶାନ୍ତ ବାବା, ଜ୍ଞାନୀ ବାବା, ବାବା ନିରାକାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୀଠରେ ସୋଲାର ଲାଇଟ୍ ଲଗାଇବାକୁ ଦାବି ହୋଇଛି।



ବୈଠକରେ ମହିମା ସନ୍ନ୍ୟାସୀଙ୍କ ସମେତ ପ୍ରଶାସନିକ ଅଧିକାରୀ।

## ୨ ସଂକ୍ରମିତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୩୦।୧୦:**

ଢେଙ୍କାନାଳ ଜିଲାରୁ ଶନିବାର ୨ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୬ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ ଏବଂ କାମାକ୍ଷାନଗର ଏନ୍‌ଏସିରୁ ଜଣେ ଲେଖାଏ ଅଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପାର୍ବଣ ସମୟରେ ସଂକ୍ରମଣ ବୃଦ୍ଧି ଘଟିବା ଆଶଙ୍କା ରହିଛି। ତେଣୁ ଜିଲାବାସୀ ସାମାନ୍ୟ ହେଳା କଲେ ଜୀବନଜୀବିକା ବିପଦରେ ପଡ଼ିବ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ସଂକ୍ଷେପରେ

### ବାହାରିଲେ ୬ ପଜିଟିଭ୍

**ଅନୁଗୋଳ ଅଫିସ, ୩୦।୧୦:** ଅନୁଗୋଳ ଜିଲାରୁ ଶନିବାର ୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୪୫୭ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳର ୨, କଣିହାଁ ବ୍ଲକର ୨ ଏବଂ ଆଠମଲ୍ଲିକ ବ୍ଲକ୍‌ର ୨ ଜଣ ରହିଛନ୍ତି। ଜିଲାରୁ ୩ ଜଣ ପଜିଟିଭ୍ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ପବିତ୍ରନଗର,୩୦।୧୦(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ବରପାଳ ଦେଇ ଯାଇଥିବା ୧୪୯ନଂ. ଜାତୀୟ ରାଜପଥ ସମାକୋଇ ବ୍ରିଜ ଉପରେ ଶନିବାର ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭେଜିଆ ଗ୍ରାମର କୁନୁ ଲାଗୁରୀ(୨୮)ଙ୍କ ମୃତ୍ୟୁ ଘଟିଛି। କୁନୁ ବାଇକ୍‌ରେ ନିଜ ଶ୍ୱଶୁର ଘରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ସମାକୋଇ ବ୍ରିଜ୍‌ର ସୁରକ୍ଷା ବାଡରେ ପିଟି ହୋଇଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବଡ଼ଭାଇଙ୍କୁ ଠେଙ୍ଗାରେ ଆକ୍ରମଣ

**ବଇଣ୍ଡା,୩୦।୧୦(ଡି.ଏନ.ଏ.)** ହଣ୍ଡପା ଥାନା ଠେଲକନାଳି ଗ୍ରାମର ଚନ୍ଦ୍ରମଣି ବେହେରାଙ୍କୁ ସାନଭାଇ ନରୋତ୍ତମ ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନ.୨୬୪/୨୧ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚନ୍ଦ୍ରମଣି ଓ ନରୋତ୍ତମଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଶୁକ୍ରବାର ଚନ୍ଦ୍ରମଣି ଘରେ ଥିବାବେଳେ ନରୋତ୍ତମ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ମଦ ଜବତ, ଜଣେ ଗିରଫ

**ବଇଣ୍ଡା,୩୦।୧୦(ଡି.ଏନ.ଏ.)** ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ଆଡେଶ୍ୱର ଗ୍ରାମରେ ଚଢ଼ାଉ କରି କୈକେୟୀ ପ୍ରଧାନଙ୍କ ଘରୁ ୫ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୮୦/୨୧ରେ ଏକ ମାମଲା ରୁଜୁ ହୋଇଛି।

### ସ୍ୱଚ୍ଛ ଭାରତ ଅଭିଯାନ

**ବଁଅରପାଳ, ୩୦।୧୦(ଡି.ଏନ.ଏ.)** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବକେନ୍ଦ୍ର ଓ ସଂକଳ୍ପ ସୋସିଆଲ ଆଣ୍ଡ୍ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଗୋଳ ଜିଲା କାଣ୍ଡସର ଗ୍ରାମରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ପ୍ଲାଷ୍ଟିକ ମୁକ୍ତ ଭାରତ ଉପରେ ସଚେତନ କରାଯାଇଥିଲା। ଛୋଟ ପିଲାଙ୍କ ମଧ୍ୟରେ 'କ୍ଲିନ ଇଣ୍ଡିଆ' ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଟ୍ରଷ୍ଟର ସଦସ୍ୟମାନେ ଖେଳ ପଡିଆ, ମନ୍ଦିରର ଚତୁଃପାର୍ଶ୍ୱ, ନଳକୂଅ, ପରିଷ୍କାର ପରିଚ୍ଛନ୍ନ କରିଥିଲେ। ନେହେରୁ ଯୁବକେନ୍ଦ୍ରର ବ୍ଲକ ସଂଯୋଜକ ସୁଶାନ୍ତ କୁମାର ଦାସ, ଟ୍ରଷ୍ଟ ଉପସଭାପତି ପତିତପାବନ ଜେନା ପ୍ରମୁଖ ସହଯୋଗ କରିଥିଲେ।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ



**ଅନୁଗୋଳ ଅଫିସ, ୩୦।୧୦:** ଅନୁଗୋଳ ପୌରପାଳିକା ବିଜୁ ଛାତ୍ର ଜନତା ଦଳ ଏବଂ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ହେମସୁରପଡ଼ାର ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ସତ୍ୟାନନ୍ଦ ଦଳବେହେରା, ବୃନ୍ଦାବନ ସ୍ୱାଇଁ, ଉଲ୍ଲାସ ସାହୁ, ତପନ ତ୍ରିପାଠୀ, ସୁଜିତ ଦ୍ୱିବେଦୀ, ଅଜିତ ଦ୍ୱିବେଦୀ, ସରୋଜ ନାଏକ, ବିଶ୍ୱରଞ୍ଜନ ସାହୁ, ଗୋପବନ୍ଧୁ ନାଏକ ଯୋଗଦେଇଥିଲେ। ରଶ୍ମିରଞ୍ଜନ ସାମଲ, ସୁନୀଲ ଦାସ, ଦିବ୍ୟଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ମାତିଲେ ସାଇବର ଠକ

**ଅନୁଗୋଳ ଅଫିସ, ୩୦।୧୦**

ଅନୁଗୋଳ ଜିଲାରେ ପୁଣି ମାତିଛନ୍ତି ସାଇବର ଠକ। ସେମାନଙ୍କ ଶିକାର ହୋଇଛନ୍ତି ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଏବଂ ଅନ୍ୟ ଜଣେ ମହିଳା। କ୍ରେଡିଟ୍ କାର୍ଡ କାର୍ଯ୍ୟକ୍ଷମ କରାଇବାକୁ କହି ରେଲୱେ କର୍ମଚାରୀଙ୍କ ଆକାଉଣ୍ଟରୁ ଅଭିଯୁକ୍ତମାନେ ୫୪ ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି କାଳିଆ ଟଙ୍କା କରାଇଦେବାକୁ କହି କୌଶଳକ୍ରମେ ତଥ୍ୟ ସଂଗ୍ରହ କରି ଜଣେ ମହିଳାଙ୍କଠାରୁ ୮୦୦୦ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ହୋଇଛି।

ଅନୁଗୋଳ ରାଣୀଗୋଡ଼ା ରେଲୱେ କଲୋନୀରେ ରହୁଥିବା କର୍ମଚାରୀ ଦଶରଥ ମହନ୍ତ (୪୦) ସାଇବର ଠକେଇର ଶିକାର ହୋଇଛନ୍ତି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଗ୍ରାହକ ସେବାକେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେଇ ଜଣେ ମହିଳା ତାଙ୍କ ଆକାଉଣ୍ଟରୁ ୫୪ ହଜାର ୭୦୨ ଟଙ୍କା ନେଇଯାଇଛନ୍ତି। ଏ ନେଇ ଦଶରଥ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଦଶରଥଙ୍କ ନାମରେ ଇସ୍ୟୁ ହୋଇଥିବା ଏସ୍‌ବିଆଇ କ୍ରେଡିଟ୍ କାର୍ଡ କାର୍ଯ୍ୟକ୍ଷମ ହୋଇ ନ ଥିଲା। ଗତ ୨୬ ତାରିଖରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ଫୋନ୍ ଆସିଥିଲା। ସାଇବର ଠକ ଜଣକ ନିଜକୁ ଏସବିଆଇ କ୍ରେଡିଟ୍ କାର୍ଡ ଗ୍ରାହକ ସେବାକେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। କାର୍ଡ ଚାଲୁ କରିବାକୁ ହେଲେ ବ୍ୟାଙ୍କ ତଥ୍ୟ ଦେବାକୁ କହିଥିଲେ। ଏଥିରେ ବିଶ୍ୱାସ କରି ଦଶରଥ ତଥ୍ୟ ପ୍ରଦାନ କରିଥିଲେ।



■ରେଲୱେ କର୍ମଚାରୀଙ୍କ ଆକାଉଣ୍ଟରୁ ନେଇଗଲେ ୫୪ ହଜାର

■କାଳିଆ ଟଙ୍କା ନାମରେ ତଥ୍ୟ ସଂଗ୍ରହ କରି ୮୦୦୦ ଠକେଇ

ଏହାପରେ ତାଙ୍କ ଆକାଉଣ୍ଟରୁ ୫୪ ହଜାର ୭୦୨ ଟଙ୍କା ଗାଏବ ହୋଇଯାଇଥିଲା।

ସେହିପରି ଅନୁଗୋଳ ସଦର ଥାନା ବାଗିସିଂହା ଅଞ୍ଚଳର ଜଣେ ମହିଳା ଠକାମିର ଶିକାର ହୋଇଛନ୍ତି। କାଳିଆ ଯୋଜନାରେ ଟଙ୍କା ମିଳିବା କହି ଜଣେ ବ୍ୟକ୍ତି ତାଙ୍କ ନିକଟରୁ ସମସ୍ତ ତଥ୍ୟ ସଂଗ୍ରହ କରିବା ସହିତ ଆକାଉଣ୍ଟରୁ ୮ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବୁଧବାର ପୂର୍ବାହ୍ନରେ ମହିଳାଙ୍କ ଘରେ ସୁବଳ ନାମକ ଜଣେ ଯୁବକ ପହଞ୍ଚିଥିଲେ। କାଳିଆ ଯୋଜନାରେ ଟଙ୍କା କରାଇ ଦେବାକୁ କହି ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ମୋବାଇଲ ନମ୍ବର, ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିନେଇଥିଲେ। ସପ୍ତାହକ ମଧ୍ୟରେ କାଳିଆ ଟଙ୍କା ମିଳିବ ବୋଲି କହିଥିଲେ। ଉକ୍ତ ଦିନ ଅପରାହ୍ନରେ ଟଙ୍କା ଆବଶ୍ୟକତା ଥିବାରୁ ମହିଳା ଗ୍ରାମରେ ଥିବା ବ୍ୟାଙ୍କ୍ ଅଫ୍ ବରୋଦାକୁ ଯାଇଥିବାବେଳେ ତାଙ୍କ ଆକାଉଣ୍ଟରୁ ୮୦୦୦ ଟଙ୍କା କଟିଥିବା ଜଣାପଡ଼ିଥିଲା। ପୋଲିସ ଉଭୟ ଘଟଣାର ତଦନ୍ତ କରୁଛି।

## ଚକ୍ଷୁ ପରୀକ୍ଷା ଶିବିର



ଶିବିରରେ ଯୋଗଦେଇଥିବା ଜନସାଧାରଣ।

**କଣିହାଁ,୩୦।୧୦(ଡି.ଏନ.ଏ.)**

କଣିହାଁ ବ୍ଲକ ବଡ଼ହୀରା ଗ୍ରାମରେ ଶ୍ରୀ ଜଗନ୍ନାଥ ଓଡ଼ିଶୀ ସଂକୀର୍ତ୍ତନ ମଣ୍ଡଳୀ ଓ ଲାୟନ୍ସ ଭୂମିକା ଚକ୍ଷୁ ହସ୍ପିଟାଲ ଆନୁକୂଲ୍ୟରେ ଶନିବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଗ୍ରାମ ସଭାପତି ସୁଧୀଶ ସାହୁ, ରବିନାରାୟଣ ସାହୁ, ଦୟାନିଧି ପ୍ରଧାନ, ସାମାଜିକ ସ୍ୱାସ୍ଥ୍ୟ ସଙ୍ଗଠକ କିଶୋର ବେହେରା, ବିପିନ ପଟ୍ଟନାୟକ ଯୋଗ ଦେଇଥିଲେ। ଡାକ୍ତର ପ୍ରଭାତୀ ସାହୁ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୧୭ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ମିଟୁ ସାହୁ, ସୁଶାନ୍ତ ସାହୁ, କ୍ଷେତ୍ରବାସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଡିଜିଟାଲ ବ୍ୟାଙ୍କିଙ୍ଗ୍ ଉପରେ ଆଲୋଚନା




ଅଧିବେଶନରେ ଯୋଗଦେଇଥିବା ଡାକ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୩୦।୧୦**

ଅନୁଗୋଳ ମୁଖ୍ୟ ଡାକଘର ପକ୍ଷରୁ ଏକ ପୋଷ୍ଟ ଫୋରମ୍ ଅଧିବେଶନ ଡାକପାଳ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଡାକ ସଂଗ୍ରହକାରୀ ନେତ୍ରାନନ୍ଦ ସାମନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ ପାଣିଗ୍ରାହୀ, ଆଇନଜୀବୀ ସଞ୍ଜୟ ମହାପାତ୍ର, ଅଧ୍ୟାପକ ସଚ୍ଚିଦାନନ୍ଦ ପାଢ଼ୀ, ଅବସରପ୍ରାପ୍ତ ଉପଡାକପାଳ ବିମଳ ରଥ ପ୍ରମୁଖ ଯୋଗଦେଇ ଡାକ ବିଭାଗର ବିଭିନ୍ନ ଦିଗ ଓ ସମସ୍ୟା ଉପରେ ଆଲୋଚନା କରିଥିଲେ। ଉପଡାକ ଅଧୀକ୍ଷକ ଚିକନ ଦେବତା ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଗ୍ରାମାଞ୍ଚଳ ଡାକଘରେ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଅବଗତି ପାଇଁ ସମସ୍ତ ଯୋଜନା ବିଜ୍ଞାପନ ମାଧ୍ୟମରେ ପଦର୍ଶିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସୁଜିତ୍ କୁମାର ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡାକ ସହାୟକ ମଧୁସ୍ମିତା ଓଝା ଧନ୍ୟବାଦ ଦେଇଥିଲେ।

## ସଚେତନ କରିବ ସଞ୍ଚୟ ରଥ

**ଅନୁଗୋଳ ଅଫିସ, ୩୦।୧୦**

ଅନୁଗୋଳ ଜିଲା କାର୍ଯ୍ୟାଳୟ ପରିସରରେ ଶନିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଯୋଗଦେଇ ସଞ୍ଚୟ ରଥ ଉଦ୍‌ଘାଟନ କରିଥିଲେ। ଏଥିସହିତ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ନିଜର ଅଭିବୃଦ୍ଧି ସହ ପରିବାରର ଆର୍ଥିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଞ୍ଚୟ ରଥ ଜିଲାର ବିଭିନ୍ନ ବ୍ଲକ ପରିକ୍ରମା କରି ସ୍ୱଳ୍ପ ସଞ୍ଚୟ ଉପରେ ସଚେତନତା ସୃଷ୍ଟି କରିବ। ଏହି ଅବସରରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




ଅତିରିକ୍ତ ଜିଲାପାଳ ସଞ୍ଚୟ ରଥକୁ ଉଦ୍‌ଘାଟନ କରୁଛନ୍ତି।

ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଇଶାନି ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଡେପୁଟି କଲେକ୍ଟର ସରିତା ପ୍ରଧାନ ଉପସ୍ଥିତ ଥିଲେ।

## ଆର୍‌ଏମ୍‌ସି ବୈଠକ

**ଆଠମଲ୍ଲିକ,୩୦।୧୦(ଡି.ଏନ.ଏ.)**

ଆଠମଲ୍ଲିକ ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧ୍ୟକ୍ଷ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଶନିବାର ଆରଏମସି ସଭାଗୃହଠାରେ ଚଳିତବର୍ଷ ଖରିଫ୍ ଧାନ କ୍ରୟ ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ଚଳିତ ଖରିଫ୍ ଋତୁ ପାଇଁ ଆସନ୍ତା ଡିସେମ୍ବର ୧୫ରେ ଧାନ କ୍ରୟ ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାର ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୯୬୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ସାଧାରଣ ଧାନର ସହାୟକ ମୂଲ୍ୟ ୧୯୪୦ ଟଙ୍କା ଏବଂ 'ଏ' ଗ୍ରେଡ ଧାନର ସହାୟକ ମୂଲ୍ୟ ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ କ୍ରୟ ପ୍ରକ୍ରିୟା ଆସନ୍ତା ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ସମାପ୍ତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ସମବାୟସମିତିକୁ ଧାନ ଆଣିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ସମସ୍ତ ସମବାୟ ସମିତି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, ଆଠମଲ୍ଲିକ ସହକାରୀ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଏଆରସିଏସ ସୁରେନ୍ଦ୍ର ଜେନା, ଆରଏମସି ସମ୍ପାଦକ ସୁଶାନ୍ତ ଜେନା, ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଯୋଗାଣ ନିରୀକ୍ଷକ ଇପିରଞ୍ଜନ ପାତ୍ର, ନଟବର ସେନାପତି, ସମସ୍ତ ସମବାୟ ସମିତିର ସମ୍ପାଦକ ଓ ଉପଖଣ୍ଡର ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ।



## କିଶୋରନଗର ଚାମ୍ପିୟନ



**ବଇଣ୍ଡା,୩୦।୧୦(ଡି.ଏନ.ଏ.)**

କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟତ ନିମିଡିରି ଗ୍ରାମ ଖେଳପଡ଼ିଆଠାରେ ଶନିବାର ଏକ ଦିନିକିଆ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ୍ ମ୍ୟାଚ୍‌ରେ କିଶୋରନଗର ପ୍ରଥମେ ବ୍ୟାଟିଂ ୧୦୯ ରନ କରିଥିଲା। ଜବାବରେ ବଣିଆଦୋହଲି କ୍ଲବ ୫୭ ରନ କରି ପରାସ୍ତ କରିଥିଲା। ମୁଖ୍ୟଅତିଥି ଭାବେ ନାକିଚି ସମିତିସଭ୍ୟା ରଶ୍ମିତା ପ୍ରଧାନ ଯୋଗଦେଇ ଉଭୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ବିଜେଡି ଯୁବ ଉପ ସଭାପତି ଜିତେନ୍ଦ୍ର ସାହୁ, ସଞ୍ଜାମୁରା ସରପଞ୍ଚ ମୃତ୍ୟୁଞ୍ଜୟ ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ



ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବନ୍ତଳା,୩୦।୧୦(ଡି.ଏନ.ଏ.)**

ବନ୍ତଳା ଥାନା ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆନ୍ଦୋଳନ କରାଯିବ। ଏ ନେଇ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଉଚ୍ଚ ବିଦ୍ୟାଳୟର ଚେୟାରମ୍ୟାନ ଦୀନେଶ ଦେହୁରୀ, ପ୍ରାଥମିକ ବିଦ୍ୟାଳୟର ଚେୟାରମ୍ୟାନ ପ୍ରଦୀପ ପ୍ରଧାନ, ସଦସ୍ୟ ପ୍ରଶାନ୍ତ ପ୍ରଧାନ, ନିରଞ୍ଜନ ବାରିକ, ପଦ୍ମଚରଣ ପ୍ରଧାନ, ଅନିଲ ଦେହୁରୀ, ଯୋଗେଶ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୨୧୪ ଜଣ ଅଧ୍ୟୟନ କରୁଛନ୍ତି। ୨୦୧୭-୧୮ରେ ବିଦ୍ୟାଳୟରେ ୫୦ରୁ କମ୍ ଛାତ୍ର ପାଠ ପଢୁଥିଲେ। କିନ୍ତୁ ଶିକ୍ଷକ ପ୍ରତାପ ପ୍ରଧାନ ୨୦୧୮-୧୯ରେ ଯୋଗଦେବା ପରେ ଉକ୍ତ ବିଦ୍ୟାଳୟରେ ସେହିବର୍ଷ ୭୨ ଏବଂ ଚଳିତବର୍ଷ ୨୧୪ ଜଣ ପାଠ ପଢୁଛନ୍ତି। ହେଲେ ପ୍ରତାପଙ୍କ ବଦଳିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ବିଦ୍ୟାଳୟରେ ସମୁଦାୟ ଶିକ୍ଷକ ଦୁଇଜଣ ଅଛନ୍ତି। ତୁରନ୍ତ ଶିକ୍ଷକ ପ୍ରତାପ ଉକ୍ତ ବିଦ୍ୟାଳୟରେ ପୁନଃନିଯୁକ୍ତି ସହିତ ଅଧିକ ୫ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ପୋକତୁଙ୍ଗା ହାଇସ୍କୁଲରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଚାଲିଥିବାବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ଜଣ, ନବମ ଓ ଦଶମ ଶ୍ରେଣୀ ପାଇଁ ସଂସ୍କୃତ ଶିକ୍ଷକ, ଉଦ୍ଭିଦ ବିଜ୍ଞାନ ଶିକ୍ଷକ ଏପରି ସମୁଦାୟ ୫ ଜଣ ଶିକ୍ଷକ ତୁରନ୍ତ ନିଯୁକ୍ତି କରାଯିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ପୋକତୁଙ୍ଗା ପଞ୍ଚାୟତରେ ଥିବା ତିନୋଟି ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ହାଇସ୍କୁଲରେ ତାଲା ପକାଇ ବନ୍ତଳା-ଟିକରପଡା ରାସ୍ତାରେ ବସି ଆନ୍ଦୋଳନ କରିବା ପାଇଁ ସମସ୍ତ ଗ୍ରାମବାସୀ ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

**OFFICE OF THE REGULATED MARKET COMMITTEE, BALASORE**

At: Bamapada, P.O.- Chhanpur, Via: Kuruda, Dist.- Balasore, PIN - 756056 Email ID: rmcbalasore123@gmail.com, Ph.: 06782-255605

Quotation No. 550 Date: 29.10.2021

**QUOTATION CALL NOTICE**

Quotation Call Notice for procurement of grading equipments required for the R.M.C., Balasore & R.M.C., Jaleswar i.e. Electronic Weighing Scale of 300 Kg. capacity, Digital Moisture Meter, Analysis Kit Box, Sample Divider, Set of Sieves & Parkhee etc. for use in paddy procurement operation. The further details of the Quotation Call Notice can be seen from the official website of Balasore District **https://baleshwar.nic.in**.

Sd./- Sub-Collector, Balasore-cum-Chairman, RMC, Balasore & Jaleswar

# 'ମୃତ୍ୟୁ ପରେ ଅମର ରଖିବ ଅଙ୍ଗଦାନ'

### ୪୪ଜଣ ନେଲେ ଅଙ୍ଗଦାନ ଫର୍ମ

**ଅନୁଗୋଳ ଅଫିସ, ୩୦।୧୦**

ମାନବ ଜୀବନ ଦୁର୍ଲଭ। ସୁସ୍ଥ ଏବଂ ନୀରୋଗ ଜୀବନ ଲାଗି ଚିକିତ୍ସା ବିଜ୍ଞାନରେ ଅହରହ ଗବେଷଣା ଚାଲିଛି। ଭିନ୍ନକ୍ଷମ ବ୍ୟକ୍ତି, ଜଟିଳ ଅସ୍ତ୍ରୋପଚାର ପାଇଁ ଅଙ୍ଗ ପ୍ରତିରୋପଣ ଏକ ବିକଳ୍ପ ବ୍ୟବସ୍ଥା ଭାବେ ଉଭା ହୋଇଛି। ମୃତ୍ୟୁ ପରେ ଅମର ରହିବାକୁ ହେଲେ ଅଙ୍ଗଦାନ କରିବାକୁ ପଡ଼ିବ। ଏଭଳି ଏକ ମହତ୍ କାର୍ଯ୍ୟ ଲାଗି ସବୁସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଅଙ୍ଗଦାନ ସଚେତନତା ଶିବିରରେ ମତପ୍ରକାଶ ପାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବଶକ୍ତି ଆହ୍ୱାନ ଏବଂ ସାଥୀ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ ଶତପଥୀ ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଅଙ୍ଗଦାନର ଆବଶ୍ୟକତା ଏବଂ ଉପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଜୟ କୁମାର ନନ୍ଦ, ସଂସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ, ଅନୁଗୋଳ-ଢେଙ୍କାନାଳ ଦଧିଚୀ ସଙ୍ଗଠିକା ଶୈଳବାଳା ମିଶ୍ର, ସାଥୀ ପରିବାର ସଭାପତି ସିଦ୍ଧାର୍ଥ ପ୍ରଧାନ ଏବଂ ଯୁବଶକ୍ତି ଆହ୍ୱାନ ସଭାପତି ଆଦିତ୍ୟ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଅଙ୍ଗଦାନର ଆବଶ୍ୟକତା, ଆଇନଗତ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଅମ୍ଳାନ ଦାସ, ସୁଦାମ ନନ୍ଦ, ସୌମ୍ୟରଞ୍ଜନ ସୂତାର, ଆଦିତ୍ୟ ପ୍ରସାଦ ମିଶ୍ର, ଛବୀନ୍ଦ୍ର ନାୟକ, ଆଲୋକ ପ୍ରଧାନ ପ୍ରମୁଖ ଶରୀରଦାନ ଏବଂ ମମତା ପ୍ରଧାନ, ମହେଶ୍ୱର ବାରିକ, ବିବେକାନନ୍ଦ ଦାସ, ମାନସ ରଞ୍ଜନ ଦେହୁରୀ, ତୋଫାନ ପାଣି, ପ୍ରବୀର ବେହେରା, ପୂଜାରାଣୀ ଧଳ, ସୁଧାଂଶୁ ଶେଖର ଧଳ ପ୍ରମୁଖ ଅଙ୍ଗଦାନ ପାଇଁ ପଞ୍ଜୀକରଣ କରିଛନ୍ତି। ମୋଟ ୪୪ଜଣ ଅଙ୍ଗଦାନ ପାଇଁ ଫର୍ମ ନେଇଥିବା ସୂଚନା ଦିଆଯାଇଥିଲା। ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ, ରିନିତା ପଟ୍ଟନାୟକ, ଆଶିଷ ସାହୁ, ଦିଲୀପ ସାହୁ, ଶୁଭେନ୍ଦୁ ସାହୁ, ଚିନ୍ମୟ ସାହୁ, ସସ୍ମିତ ସାହୁ, ଲୁଲୁ ଭୂତିଆ, ବିଶ୍ୱଜିତ୍ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥିମାନେ ଅଙ୍ଗଦାନ ବିଷୟରେ ସଚେତନ କରୁଛନ୍ତି।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ସଂଖ୍ୟା: ୪୫୭ ତାରିଖ: ୨୯।୧୦।୨୦୨୧

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଏକ ପରିତ୍ୟକ୍ତ ଶିଶୁକୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ାଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାନ୍ତି ତେବେ ବିଜ୍ଞାପନ ପ୍ରକାଶନଠାରୁ ୩୦ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ ଏହି ଶିଶୁଟିର ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ନ ମିଳନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଓ ପୋଷ୍ୟ ସନ୍ତାନ ବ୍ୟବସ୍ଥା ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟଯୋଗ୍ୟ ବୋଲି ବିବେଚିତ କରାଯିବ।

**ଯୋଗାଯୋଗ କରିବାର ଠିକଣା:**

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା, ଫୋନ୍: ୦୬୬୪୫-୨୭୦୫୭୦ କିମ୍ବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଝାରସୁଗୁଡ଼ା, ଫୋନ୍: ୯୪୩୭୧୫୮୬୦୭ କିମ୍ବା ରଞ୍ଜିତା ତନ୍ତି, ମ୍ୟାନେଜର, ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ୍) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା, ଫୋନ୍: ୭୯୭୮୬୨୩୩୫୨/୯୧୭୮୭୫୩୩୪୪।

| ଦିଆଯାଇ ଥିବା ନାମ | ଲିଙ୍ଗ/ ବୟସ | ଶିଶୁ ମଙ୍ଗଳ କମିଟି କେସ୍ ନଂ./ ଆଦେଶ ନଂ. | ଉଦ୍ଧାର ସ୍ଥାନ, ତାରିଖ | ଅବସ୍ଥାନ କରୁଥିବା ଅନୁଷ୍ଠାନ | ଫଟୋ |
|---|---|---|---|---|---|
| ସମ୍ଭବ | ପୁଅ (ପ୍ରାୟତଃ ୧ ମାସ) | ୧୧୦୩/୨୦୨୧ ୨୨।୧୦।୨୦୨୧ | ପୋଷ୍ୟ ସନ୍ତାନ କେନ୍ଦ୍ର, ଝାରସୁଗୁଡ଼ା ଶିଶୁ ଝୁଲଣା ତା୨୨।୧୦।୨୦୨୧ | ମର୍ସି ମେମୋରିଆଲ ଶିଶୁ ଗୃହ (ଡାନିଏଲସ) ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବ୍ରଜରାଜନଗର, ଝାରସୁଗୁଡ଼ା |  |

ଜିଲ୍ଲାପାଳ, ଝାରସୁଗୁଡ଼ା

